# କହିବା ଆଗରୁ କରିବା

ସାନୁ ବିଦ୍ୟାଳୟରୁ ଘରକୁ ଫେରିଲା । ମା' ତାକୁ ପଚାରିଲେ, "ତୁମ ବିଦ୍ୟାଳୟରେ ଆଜି କ'ଣ କ'ଣ ହେଲା ?"

5SH4FN



ସାନୁ କହିଲା - "ଆଜି ପରା ଅକ୍ଟୋବର ଦୁଇ ତାରିଖ । ଆମ ବିଦ୍ୟାଳୟରେ ଗାନ୍ଧିଜୀଙ୍କର ଜନ୍ମଦିନ ପାଳନ କରାଗଲା । ଆମେ ଓ ଆମ ଗୁରୁଜୀମାନେ ବାପୁଙ୍କ ଫଟୋଚିତ୍ରରେ ଫୁଲ ଚଢ଼ାଇଲୁ ।"

"ଆଉ କିଛି ହେଲା ନାହିଁ ?" - ମା' ପଚାରିଲେ ।

ସାନୁ ଉତ୍ତର ଦେଲା - "ହଁ, ଗୁରୁଜୀ ଗାନ୍ଧିଜୀଙ୍କ ବିଷୟରେ ସୁନ୍ଦର ସୁନ୍ଦର କାହାଣୀ ଶୁଣାଇଲେ । ବହୁତ ମଜା ଲାଗିଲା ।"

ମା' - ଆଚ୍ଛା ! କ'ଣ ସବୁ କହିଲେ ?

ସାନୁ - ଗାନ୍ଧିଜୀଙ୍କର ପିଲାଦିନର କେତେକ ଚମତ୍କାର ଘଟଣା ।

ମା' - ଆଉ ତାଙ୍କ ବଡ଼ଦିନର କଥା କିଛି କହିଲେ ନାହିଁ ?

ସାନୁ - ହଁ, ଖୁବ୍ କମ୍ । ତମେ କିଛି କୁହ ନା !

ମା' - କହୁଛି, ଶୁଣ ।

ମା' କାହାଣୀ ଆରମ୍ଭ କଲେ । ସାନୁ ଶୁଣିବାକୁ ଲାଗିଲା । ଥରେ ଗାନ୍ଧିଜୀଙ୍କ ପତ୍ନୀ କସ୍ତୁରବା ବେମାରରେ ପଡ଼ିଥିଲେ । ଔଷଧପତ୍ରରୁ କିଛିବି ସୁଫଳ ମିଳିଲା ନାହିଁ । ଗାନ୍ଧିଜୀ ଚିନ୍ତିତ ହୋଇ ପଡ଼ିଲେ । ସେ ପୁସ୍ତକରୁ ପଢ଼ିଥିଲେ ଯେ, ବେମାରରେ ପଡ଼ିଥିବା ଲୋକ ଲୁଣ ନ ଖାଇଲେ କିଛିଟା ଉପକାର ପାଏ । ତେଣୁ ସେ ଏହି ଉପଦେଶଟି କସ୍ତୁରବାଙ୍କୁ ଦେବା ପାଇଁ ମନସ୍ଥ କଲେ ।



ଗାନ୍ଧିଜୀ କସ୍ତୁରବାଙ୍କୁ କହିଲେ - "ତୁମେ ଖାଦ୍ୟରେ ଲୁଣ ମିଶାଇ ଖାଇବା ବନ୍ଦ କରିଦିଅ ।"

"ଧେତ୍, ଲୁଣ ବିନା ଖାଦ୍ୟ ତ ସୁସ୍ୱାଦୁ ଲାଗେ ନାହିଁ । ଲୁଣ ବିନା କ'ଣ ଖାଦ୍ୟ ଖାଇ ହୁଏ ?" କସ୍ତୁରବା ଅମଙ୍ଗ ହୋଇ କହିଲେ ।

"ତୁମେ ଅବୁଝା ହେଉଛ କାହିଁକି ? ତୁମର ପରା ଦେହ ଖରାପ । କିଛି ଦିନ ଲୁଣ ଛାଡ଼ିଦେଲେ ହୁଏତ ଆରୋଗ୍ୟ ହୋଇପାରନ୍ତ ।" ଗାନ୍ଧିଜୀ ଏପରି କହି କସ୍ତୁରବାଙ୍କୁ ବୁଝାଇଲେ ।

କସ୍ତୁରବା ଟିକେ ମୁହଁ ଶୁଖାଇ କହିଲେ, "ଯଦି ତୁମକୁ କିଏ ଲୁଣ ଛାଡ଼ିଦେବାକୁ କହେ, ତୁମେ କ'ଣ ଲୁଣ ଖାଇବା ବନ୍ଦ କରିପାରିବ ?"

ଗାନ୍ଧିଜୀ ଭାବିଲେ ଏ ତ ଠିକ୍ କଥା ! ପରକୁ କହିବା ଯେତିକି ସହଜ, ନିଜେ କରି ଦେଖାଇବା ସେତିକି ସହଜ ନୁହେଁ । ଏହି କଥାକୁ ନେଇ ସେ ଚିନ୍ତା କରିବାକୁ ଲାଗିଲେ । ଆମେ ଯାହା ଅନ୍ୟକୁ କହୁ, ପ୍ରଥମେ ନିଜେ କରି ଦେଖାଇବା ଉଚିତ୍ । ତେବେ ଯାଇ ଏହା ଅନ୍ୟମାନଙ୍କ ଉପରେ ପ୍ରଭାବ ପକାଇବ । ଏହି କଥାଟି ଗାନ୍ଧିଜୀ ମନେମନେ ବିଚାର କଲେ । କସ୍ତୁରବାଙ୍କୁ ଦେଇଥିବା ଉପଦେଶଟିକୁ ନିଜେ କାର୍ଯ୍ୟକାରୀ କରିବା ପାଇଁ ସଂକଳ୍ପ କଲେ ।

ଗାନ୍ଧିଜୀ କସ୍ତୁରବାଙ୍କୁ ଏଥର କହିଲେ, "ମୋତେ ଯଦି ରୋଗ ହୋଇଥା'ନ୍ତା, ଚିକିତ୍ସକ ଯେଉଁ ଜିନିଷ ଖାଇବାକୁ ବାରଣ କରିଥାନ୍ତେ, ମୁଁ ଅବଶ୍ୟ ତାହା ଖାଇବା ବନ୍ଦ କରିଥାନ୍ତି । ଏଥିରେ ସୁଫଳ ମିଳିଥା'ନ୍ତା । ମୁଁ ତୁମକୁ ଲୁଣ ଖାଇବାକୁ ମନା କରିଛି । ତେଣୁ ପ୍ରଥମେ ମୁଁ ଗୋଟିଏ ବର୍ଷ ପାଇଁ ଲୁଣ ଛାଡ଼ିଦେଉଛି ।"



ସତକୁ ସତ ଗାନ୍ଧିଜୀ ସେହି ମୁହୂର୍ତ୍ତରୁ ବିନା ଲୁଣରେ ଖାଦ୍ୟ ଗ୍ରହଣ କରିବା ଆରମ୍ଭ କରିଦେଲେ । ତାଙ୍କର ଏହି ଆଚରଣ କସ୍ତୁରବାଙ୍କ ଉପରେ ଖୁବ୍ ପ୍ରଭାବ ପକାଇଲା । ତେଣୁ କସ୍ତୁରବା ମଧ୍ୟ ଏଣିକି ଲୁଣ ନ ମିଶାଇ ଖାଦ୍ୟ ଖାଇବାକୁ ଅଭ୍ୟାସ କଲେ । ସେ ଖୁବ୍ ଶୀଘ୍ର ସୁସ୍ଥ ହୋଇ ଉଠିଲେ ।

ସାନୁକୁ କାହାଣୀ ଶୁଣାଇବା ପରେ ମା' କହିଲେ, ''ବୁଝିଲୁ ସାନୁ ! ବାପୁ ଏମିତିକା ମଣିଷ ଥିଲେ ଯେ, ଯାହା କହୁଥିଲେ ତାହା ନିଜେ କରି ଦେଖାଉଥିଲେ । ସେଇଥିପାଇଁ ସ୍ୱାଧୀନତା ସଂଗ୍ରାମବେଳେ ଗାନ୍ଧିଜୀଙ୍କ ସହିତ ସମଗ୍ର ଦେଶର ଲୋକ ଏକଜୁଟ ହୋଇ ଚାଲୁଥିଲେ ।"

## ଆସ ଜାଣିବା କେତୋଟି ନୂଆ ଶବ୍ଦ

| | | | | | |
|---|---|---|---|---|---|
| ଚମତ୍କାର | ସୁସ୍ୱାଦୁ | ପ୍ରଭାବ | ଏକଜୁଟ | ସ୍ୱାଧୀନତା | ଚିକିତ୍ସକ |
| ସୁଫଳ | ଅମଙ୍ଗ | କାର୍ଯ୍ୟକାରୀ | ସମଗ୍ର | ବେମାର | ମୁହୂର୍ତ୍ତ |
| ଉପକାର | ଆରୋଗ୍ୟ | ସଂକଳ୍ପ | ଫଳପ୍ରଦ | ଆଚରଣ | ଅବଶ୍ୟ |
| ମନସ୍ଥ | ସଂଗ୍ରାମ | ସୁସ୍ଥ | | | |

## ଶିକ୍ଷକଙ୍କପାଇଁ ସୂଚନା

- ଅନ୍ୟକୁ ଉପଦେଶ ଦେବା ପୂର୍ବରୁ ନିଜେ ତାହା କରି ଦେଖାଇବେ ।
- ସଂକଳ୍ପ କରିବା ଓ ତାକୁ ପାଳନ କରିବା ଉଭୟ ଗୁରୁତ୍ୱପୂର୍ଣ୍ଣ – ଏହା ପିଲାଙ୍କୁ ବୁଝାଇବେ ।
- ବିଭିନ୍ନ ଦିବସ ପାଳନର ତାତ୍ପର୍ଯ୍ୟ ସଂପର୍କରେ ପିଲାଙ୍କୁ ଧାରଣା ଦେବେ ।




୧. ଆସ ଗାନ୍ଧିଜୀଙ୍କ ସଂପର୍କରେ ଗଳ୍ପରୁ କିଛି କଥା ଖୋଜି କହିବା ।

(କ) କେବେ ଗାନ୍ଧିଜୀଙ୍କ ଜନ୍ମଦିନ ପାଳନ କରାଯାଏ ?

(ଖ) ସାନୁର ବିଦ୍ୟାଳୟରେ ଗାନ୍ଧିଜୀଙ୍କ ଜନ୍ମଦିନ କିପରି ପାଳନ କରାଯାଇଥିଲା ?

(ଗ) ବେମାରରେ ପଡ଼ିଥିବା କସ୍ତୁରବା କିଏ ?

(ଘ) ଗାନ୍ଧିଜୀ ପୁସ୍ତକରୁ କ'ଣ ପଢ଼ିଥିଲେ ?

(ଙ) ଗାନ୍ଧିଜୀ କସ୍ତୁରବାଙ୍କୁ କି ଉପଦେଶ ଦେଲେ ?

(ଚ) କସ୍ତୁରବା ଅମଙ୍ଗ ହେବାରୁ ଗାନ୍ଧିଜୀ କ'ଣ ଚିନ୍ତା କଲେ ?

୨. ଆସ ଉତ୍ତର ଲେଖିବା ।

(କ) ଗାନ୍ଧିଜୀଙ୍କ ଉପଦେଶଟି ପାଳନ କରିବା ପାଇଁ କସ୍ତୁରବା କାହିଁକି ଅମଙ୍ଗ ହେଲେ ?

______________________________

______________________________

______________________________

(ଖ) ଗାନ୍ଧିଜୀଙ୍କୁ ବେମାର ହୋଇ ନ ଥିଲେ ମଧ୍ୟ ସେ କାହିଁକି ଲୁଣ ଛାଡ଼ିଲେ ?

______________________________

______________________________

______________________________

୩. ଆଗ କିଏ, ପଛ କିଏ ଜାଣିବା। କ୍ରମ ଅନୁସାରେ ପଛକୁ ପଛ ସଜାଇବା।

| | | | | |
|---|---|---|---|---|
| କସ୍ତୁରବା ବେମାର ପଡ଼ିବା | ସାନୁ ଓ ମାଆ କଥାବାର୍ତ୍ତା ହେବା | ସାନୁର ବିଦ୍ୟାଳୟରେ ଗାନ୍ଧିଜୟନ୍ତୀ ପାଳନ କରାଯିବା | କସ୍ତୁରବା ସୁସ୍ଥ ହେବା | ଗାନ୍ଧିଜୀ ଚିନ୍ତା କରିବା |

୪. ଗାନ୍ଧିଜୀ ଅନ୍ୟ ଯେଉଁ ଯେଉଁ ନାମରେ ପରିଚିତ ସେଗୁଡ଼ିକୁ ତାଙ୍କ ଚିତ୍ର ସହ ଗାର ଟାଣି ଯୋଡ଼ିବା ।

ନେତାଜୀ

ଗୁରୁଜୀ

ବାପୁଜୀ



ମହାତ୍ମା

ସର୍ଦ୍ଦାରଜୀ

ସ୍ୱାମିଜୀ

ମୋହନ ଦାସ କରମଚାନ୍ଦ

ଜାତିର ପିତା

୫. ଆସ ଆମେ ବାକ୍ୟ ଗଢ଼ିବା ।

ସୁଫଳ – ____________________

ମନସ୍ଥ – ____________________

ସୁସ୍ୱାଦୁ – ____________________

ଫଳପ୍ରଦ – ____________________

ସଂକଳ୍ପ – ____________________

ମୁହୂର୍ତ୍ତ – ____________________

୬. ଯେପରି 'ଫଟୋରେ ଫୁଲ ଚଢ଼ାଇଲୁ' ବୋଲି କୁହାଯାଇଛି ସେହିପରି କ'ଣ ହେବ ଲେଖିବା ।

ଅନ୍ଧକୁ ବାଟ ______________________

ଧରିବାକୁ ହାତ ______________________

ଓଦାଲୁଗା ଆମେ ______________________

୭. ନେତାଜୀ ଲୋକମାନଙ୍କୁ କହିଲେ, ''ଚାଲ, ହଇଜା ରୋଗୀଙ୍କର ସେବା କରିବା।'' ତାଙ୍କର ଏହି କଥା <u>କିଛି କାମକଲା ନାହିଁ</u>। ତେଣୁ ନିଜର ଯୋଜନାକୁ ସେ <u>ନିଜେ</u> କରିବାକୁ ଚାହିଁଲେ। ନିଜର ଯୋଜନାଟି <u>କାର୍ଯ୍ୟରେ ପରିଣତ</u> କଲେ। ଏହା ଦେଖି ଅନ୍ୟମାନେ ତାଙ୍କ ପରି କରିବାକୁ ଲାଗିଲେ।

ରେଖାଙ୍କିତ ଶବ୍ଦଗୁଡ଼ିକ ବଦଳରେ **ସ୍ୱୟଂ**, **ପ୍ରଭାବ ପକାଇଲା ନାହିଁ**, **କାର୍ଯ୍ୟକାରୀ** ଏହି ଶବ୍ଦଗୁଡ଼ିକୁ ଠିକ ସ୍ଥାନରେ ବ୍ୟବହାର କରି ଅନୁଚ୍ଛେଦଟିକୁ ଲେଖିବା।

୮. ଯେପରି, ଚିନ୍ତା – ଚିନ୍ତିତ

ସେହିପରି କ'ଣ ହେବ ଲେଖିବା । ଦୁଃଖ – ______________

ପୀଡ଼ା – ______________

ପାଠ – ______________

୯. ତୁମ ବିଦ୍ୟାଳୟର ଚାରିପାଖ ଅପରିଷ୍କାର ହୋଇଛି। ପରିଷ୍କାର କରିବା ପାଇଁ କ'ଣ କରିବା ?

______________________________________

______________________________________

______________________________________

୧୦. ଗାନ୍ଧିଜୀଙ୍କ ଜୀବନରେ ଘଟିଥିବା ଅନ୍ୟ କିଛି ଘଟଣା ଲେଖ।

_______________________________________________

_______________________________________________

୧୧. ଗାନ୍ଧିଜୀଙ୍କ ପରି ଅନ୍ୟ ଯେଉଁ ବଡ଼ ମଣିଷମାନେ ନିଜ କାମଦ୍ୱାରା ଲୋକଙ୍କୁ ଏକଜୁଟ କରିପାରୁଥିଲେ ସେମାନଙ୍କ ନାମ ଲେଖ ।

| | |
|---|---|
| ୧. ______________ | ୫. ______________ |
| ୨. ______________ | ୬. ______________ |
| ୩. ______________ | ୭. ______________ |
| ୪. ______________ | ୮. ______________ |

୧୩. ଚିତ୍ର ଦେଖି ଗାନ୍ଧିଜୀଙ୍କ ଅନ୍ୟ ଭଲକାମ ଗୁଡ଼ିକୁ ଲେଖ ।

